ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ୨୦ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ,୧୯।୯(ଡି.ଏନ.ଏ.): କଣିହାଁ ଥାନା ପୋଲିସ ଗୁରୁବାର ଡେରେଙ୍ଗ ଗ୍ରାମର ଜଣେ ବିବାହିତ ଯୁବକଙ୍କ ଅର୍ଦ୍ଧ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଡେରେଙ୍ଗ ଗ୍ରାମର ଯୁବକ ତପନ ସାହୁ ୪ ବର୍ଷ ପୂର୍ବେ ପରଜଙ୍ଗ ଥାନା ଅଞ୍ଚଳରେ ବିବାହ କରିଥିଲେ। ଦାମ୍ପତ୍ୟ କଳହକୁ ନେଇ ତାଙ୍କ ସ୍ତ୍ରୀ ୨ ବର୍ଷ ହେବ ବାପ ଘରେ ରହୁଛନ୍ତି। ତପନ ଘର ପାଖରେ ଏକ ଦୋକାନ କରି ଚଳୁଥିଲେ। ବୁଧବାର ରାତିରେ ସାଙ୍ଗଙ୍କ ସହ ଭୋଜି ପରେ ଘରକୁ ଆସି କବାଟ ବନ୍ଦ କରି ଫ୍ୟାନରେ ଶାଢ଼ିବାନ୍ଧି ଆତ୍ମହତ୍ୟା କରିଥିଲେ। ଗୁରୁବାର କବାଟ ଭଙ୍ଗାଯାଇ ତାଙ୍କ ଅର୍ଦ୍ଧ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ନଂ. ୭/୧୯ରେ ଏକ ମାମଲା ରୁଜୁ କରାଯାଇ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଚଉକାଠ ଜବତ, ୨ ଗିରଫ



ବଇଣ୍ଡା,୧୯।୯(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ହାତୀଧରା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ସକାଳେ ବନ ବିଭାଗ ଚଢ଼ାଉ କରି ୨ଟି ଶାଳଗଣ୍ଡି ଜବତ କରିଛି। ଏଥିସହ ୨ ଜଣ ଚୋରା କାଠ ବ୍ୟବସାୟୀ ଠାକୁରଗଡ଼ ଗ୍ରାମର ହାଡ଼ିବନ୍ଧୁ ନାୟକ ଓ ନୀଳକଣ୍ଠ ରାଉତଙ୍କୁ ଗିରଫ କରିଛି। ବିଭାଗ ପକ୍ଷରୁ ନଂ. ୬୩/୧୯ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି, ହାଡ଼ିବନ୍ଧୁ ଓ ନୀଳକଣ୍ଠ ହାତୀଧରା ସଂରକ୍ଷିତ ଜଙ୍ଗଲରୁ ୨ଟି ଶାଳଗଣ୍ଡି କାଟି ଘରକୁ ଆଣୁଥିବାବେଳେ ଖବରପାଇ ଫରେଷ୍ଟର ସୁବ୍ରତ କୁମାର ଶତପଥୀ, ଫରେଷ୍ଟ ଗାର୍ଡ ଶାନ୍ତନୁ ଦେହୁରି ଚଢ଼ାଉ କରିଥିଲେ। ଜବତ କାଠର ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି।

### ତ୍ରିଶକ୍ତି ପକ୍ଷରୁ ଚାରା ରୋପଣ



ବନ୍ତଲା,୧୯।୯(ଡି.ଏନ.ଏ.)- ଅନୁଗୋଳ ଜିଲା ଇଙ୍କରବନ୍ଧ କେନ୍ଦୁପଲି ସାହି ତ୍ରିଶକ୍ତି କ୍ଲବ ପକ୍ଷରୁ ଗୁରୁବାର ଗ୍ରାମ ନିକଟ ସରକାରୀ ଜାଗାରେ ଚାରା ରୋପଣ କରାଯାଇଛି। ଏଥିରେ ବିଭିନ୍ନ ପ୍ରକାରର ଏକ ଶହରୁ ଊର୍ଦ୍ଧ୍ୱ ଔଷଧ ଚାରା ଲଗାଯାଇଥିଲା। ଏହି ଅବସରରେ ଚାରା ରୋପଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବର ସଦସ୍ୟମାନେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। କ୍ଲବର ପ୍ରଶାନ୍ତ ବେହେରା, ଉମାକାନ୍ତ ସାହୁ, ନରେନ୍ଦ୍ର ବେହେରା, ବିଶେଶ୍ୱର ପ୍ରଧାନ, ସୁବାସ ନାୟକ, ତପନ ସାହୁ, ସୁବ୍ରତ ସାହୁ, ସୁବ୍ରତ ବେହେରା, ସ୍ୱର୍ଣ୍ଣକାନ୍ତ ସାହୁ, ଦୁଷ୍ମନ୍ତ ସାହୁ, ଅନୀଲ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ୨୫୯ ଜଣଙ୍କୁ ଭତ୍ତା ବଣ୍ଟନ

ବଇଣ୍ଡା,୧୯।୯(ଡି.ଏନ.ଏ.): କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ସଭାଗୃହ ପରିସରରେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ଭତ୍ତା ବଣ୍ଟନ କରାଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ସାଏ ଯୋଗଦେଇ ୨୫୯ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ କରିଥିବାବେଳେ ୮୭ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଆମ୍ବପାଳ ସରପଞ୍ଚ ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥିଭାବେ ପରେଶ ଦେଓ, ବ୍ଲକ ଅଧକ୍ଷା ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀ, କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ବିଜେଡି ନେତା ଅଜୟ ପ୍ରଧାନ, ସୁନୀଲ ପ୍ରଧାନଙ୍କ ସମେତ ୮ଟି ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।

## ■ ତ୍ରୁଟିବ ରାଜସ୍ୱ ଓ ଜଙ୍ଗଲ ବିଭାଗ ବିବାଦ

# ଜିପିଏସ୍‌ରେ ହେବ ସୀମା ନିର୍ଦ୍ଧାରଣ

ଅନୁଗୋଳ ଅଫିସ, ୧୯।୯



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗ ମଧ୍ୟରେ ଏଣିକି ଆଉ ରହିବନି ଜମି ବିବାଦ। ଜିପିଏସ୍ ମାଧ୍ୟମରେ ସୀମା ନିର୍ଦ୍ଧାରଣ କରାଯାଇ ବର୍ଷ ବର୍ଷର ଏହି ସମସ୍ୟାର ସମାଧାନ କରିଦିଆଯିବ। ପ୍ରଶାସନ ଓ ବନଖଣ୍ଡ ସମନ୍ୱୟରେ ଏହି କାର୍ଯ୍ୟ କରାଯିବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ଏହି ସମନ୍ୱୟ କମିଟି ବୈଠକ ଶେଷ ହୋଇଥିବାବେଳେ ଅନୁଗୋଳ ସର୍କଲର ବୈଠକ ବୁଧବାର ରେଞ୍ଜର୍ସ କଲେଜରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ୫ଟି ମନ୍ତ୍ରର ଏହା ଏକ ଅଂଶବିଶେଷ ହୋଇଥିବାରୁ ଖୁବ୍‌ଶୀଘ୍ର ସୀମା ନିର୍ଦ୍ଧାରଣ ଶେଷ ହେବ ବୋଲି ବୈଠକରେ ଉପସ୍ଥିତ ଅଧିକାରୀମାନେ ସୂଚନା ଦେଇଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, ପୂର୍ବରୁ ଜଙ୍ଗଲ ଜମି ଓ ରାଜସ୍ୱ ଜମି ଚିହ୍ନଟ ଚେନ ସିଷ୍ଟମରେ କରାଯାଉଥିଲା। ଫଳରେ ଅନେକ ସମୟରେ ଏଥିରେ ତ୍ରୁଟି ପରିଲକ୍ଷିତ ହେଉଥିଲା। ଏହାକୁ ନେଇ ଉଭୟ ବିଭାଗ ମଧ୍ୟରେ ତୁ ତୁ ମେ ମେ ଲାଗି ରହୁଥିଲା। ଏବେ ରାଜ୍ୟ ସରକାର ଏହି ସମସ୍ୟା ସମାଧାନର ରାସ୍ତା ବାହାର କରିଛନ୍ତି। ଏଣିକି କେଉଁ ଜମି ରାଜସ୍ୱ ବିଭାଗର ଓ କେଉଁ ଜମି ଜଙ୍ଗଲ ବିଭାଗର ତାହା ଜିପିଏସ୍ ମାଧ୍ୟମରେ ଚିହ୍ନଟ କରାଯିବ। ରାଜ୍ୟର ବିଭିନ୍ନ ଜିଲାରେ ଥିବା ନିଜାରତ ବିଭାଗରୁ ପୁରୁଣା ମ୍ୟାପ ଅଣାଯାଇ ରାଜସ୍ୱ ଓ ଜଙ୍ଗଲ ଜମିର କୋଣ ବାହାର କରାଯିବ। ପରେ ଜିପିଏସ୍ ମାଧ୍ୟମରେ ଏକ ଘରୋଇ ସଂସ୍ଥା ଏହାକୁ ସର୍ଭେ କରିବ। ପ୍ରତି ଜିଲାର ଗ୍ରାଉଣ୍ଡ ଲେଭଲରୁ ସର୍ଭେ କରାଯାଇ ସୀମାର ସଠିକତାକୁ ବାହାର କରାଯିବ। ସର୍ଭେ ସରିବା ପରେ କାହାର ସୀମା କେଉଁଠି ରହିଛି ସେ ନେଇ ଉକ୍ତ ସଂସ୍ଥା ଜିଲା ପ୍ରଶାସନ ଓ ବନଖଣ୍ଡ ପ୍ରଶାସନକୁ ମ୍ୟାପ ପ୍ରଦାନ କରିବ। ଫଳରେ ଜମିକୁ ନେଇ ବିଭିନ୍ନ ସମୟରେ ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ମଧ୍ୟରେ ଉପୁଜୁଥିବା ବିବାଦ ଏହି ଡିଜିଟାଲ ସର୍ଭେ ଦୂର କରିପାରିବ ବୋଲି ଅନୁମାନ କରାଯାଉଛି। ପ୍ରଶାସନ ଓ ବନଖଣ୍ଡର ମିଳିତ ସମନ୍ୱୟରେ ଏହି କାର୍ଯ୍ୟ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟରେ ଜଙ୍ଗଲ ଜମିକୁ ଅଧିକାଂଶ ଲୋକ ନିଜ ଅକ୍ତିଆରରେ ରଖିଛନ୍ତି। ଏପରି କି ଘରଦ୍ୱାର କରି ମଧ୍ୟ ବାସବାସ କରୁଛନ୍ତି। ଏହି ସୀମା ନିର୍ଦ୍ଧାରଣ ସମୟରେ କେଉଁ ଅଞ୍ଚଳର କେତେ ଲୋକ ଜଙ୍ଗଲ ଜମିକୁ ଜବରଦଖଲରେ ରଖିଛନ୍ତି ତାହା ମଧ୍ୟ ସ୍ପଷ୍ଟ ହୋଇପାରିବ। ପ୍ରାଥମିକ କାର୍ଯ୍ୟ ଆରମ୍ଭ ପରେ ପୁଣି ଏକ ଦଫାରେ କାର୍ଯ୍ୟ କେତେ ଦୂର ଆଗେଇଛି ଓ ସୁଫଳ ମିଳୁଛି କି ନାହିଁ ସେ ନେଇ ଆଲୋଚନା କରାଯିବ। ଏହି ବୈଠକରେ ଜଙ୍ଗଲ ସର୍ଭେ ମ୍ୟାପିଂର ସିସିପିଏଫ୍ ପି.କେ. ମଲ୍ଲିକ, ଆର୍‌ସିସିଏଫ ଡ. ପ୍ରଦୀପ ରାଜ କରାତ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଅନୁଗୋଳ ବନଖଣ୍ଡ ଅଧିକାରୀ, ସାତକୋଶିଆ, ଆଠମଲ୍ଲିକ, ଢେଙ୍କାନାଳ ଓ କଟକ ବନଖଣ୍ଡ ଅଧିକାରୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଅନୁଗୋଳ ଜିଲାର ସମସ୍ତ ତହସିଲଦାର, ରାଜସ୍ୱ ଅଧିକାରୀ, କାର୍ଯ୍ୟ ଯୋଜନା ଅଧିକାରୀ ପି.କେ. ମହାପାତ୍ର, ବନଖଣ୍ଡ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

■ସର୍ଭେ ପରେ ଘରୋଇ ସଂସ୍ଥା ଦେବ ମ୍ୟାପ

■ଜଣାପଡ଼ିବ ଜଙ୍ଗଲ ଜମି ଜବରଦଖଲ

■ପ୍ରଶାସନ-ବନଖଣ୍ଡ ସମନ୍ୱୟରେ ହେବ କାର୍ଯ୍ୟ

# ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ

ତାଳଚେର,୧୯।୯(ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏହି ଅବସରରେ କଲେଜ ପରିସରରେ ଆୟୋଜିତ ଉତ୍ସବରେ ଅର୍ଥନୀତି ବିଭାଗର ମୁଖ୍ୟ ତ୍ରିପୁରାରୀ ନାଥ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ପରୀକ୍ଷା ଫଳ ପ୍ରକାଶ କରିଥିଲେ। ନିରନ୍ତର ଚେଷ୍ଟା ଓ ଅଧ୍ୟବସାୟ ବଳରେ ସବୁ ଅସମ୍ଭବ ସମ୍ଭବ। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା କ୍ଷେତ୍ରରେ ନିଜର ସାଧନା ଜାରି ରଖିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଚଳିତ ବର୍ଷ ସ୍ନାତକୋତ୍ତର ଶ୍ରେଣୀର ଶେଷ ପରୀକ୍ଷାରେ କୁମାରୀ ସୁପ୍ରଭା ପ୍ରଧାନ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାବେଳେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉପ ପରୀକ୍ଷା ନିୟନ୍ତ୍ରକ ପାଣିଗ୍ରାହୀ ସୁବାସ ଚନ୍ଦ୍ର ଦାସ, ସରୋଜ ପ୍ରଧାନ, ସନ୍ତୋଷ କୁମାର ଦାସ, ନିଖିଳ ରଞ୍ଜନ ଦାସ, ସରୋଜ ରଥ, ମୁଖ୍ୟ କିରାଣି ବିଜୟ ମହାକୁଡଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଡ. ନିମାଇଁ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଅତିଥିବୃନ୍ଦ ପରୀକ୍ଷା ଫଳ ପ୍ରକାଶିତ କରୁଛନ୍ତି।

# ନିଯୁକ୍ତି ନାହିଁ, ୧ରୁ ଆନ୍ଦୋଳନ

ତାଳଚେର,୧୯।୯(ନି.ପ୍ର.)

ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରିବା, ଖଣି କର୍ତ୍ତୃପକ୍ଷଙ୍କ ଉଦାସୀନତା ପ୍ରତିବାଦରେ ଅକ୍ଟୋବର ୧ରୁ ତାଳଚେର ବ୍ଲକ କଣ୍ଠାଳ ଗ୍ରାମର କ୍ଷତିଗ୍ରସ୍ତମାନେ ଖଣିବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ନେଇ କ୍ଷତିଗ୍ରସ୍ତମାନେ ଅନୁଗୋଳ ଜିଲାପାଳ, ଏସ୍‌ପି, ତାଳଚେର ଉପଜିଲାପାଳ, ଏସ୍‌ଡିପିଓଙ୍କ ସମେତ ଖଣି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇ ଦେଇଛନ୍ତି।

ଏମ୍‌ସିଏଲର କୋଲ କରିଡର ରାସ୍ତା ନିମନ୍ତେ କଣ୍ଠାଳ ଗ୍ରାମର ୧୮ ଜଣ କ୍ଷତିଗ୍ରସ୍ତ ହୋଇଥିଲେ। ହେଲେ ଦୀର୍ଘଦିନ ହେଲା ଏହି କ୍ଷତିଗ୍ରସ୍ତମାନେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ଦାବି କରି ବହୁବାର ଆନ୍ଦୋଳନ କରିଛନ୍ତି। ପ୍ରଶାସନ ସ୍ତରରେ ବୈଠକ ବସିଛି ଓ ନିଯୁକ୍ତି ଦେବା ପଇଁ ପ୍ରତିଶ୍ରୁତି ମଧ୍ୟ ମିଳିଛି। ହେଲେ ତାହା କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। ଗତ ଜୁନରେ ଉପଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଲିଙ୍ଗରାଜ ଜେନେରାଲ ମ୍ୟାନେଜର ସେପ୍ଟେମ୍ବର ଶେଷ ସୁଦ୍ଧା କାମ ଶେଷ ହୋଇଯିବ ଓ ଅଗ୍ରାଧିକାର ଭିତ୍ତିରେ ୨୦ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏ ଦିଗରେ କୌଣସି ଅଗ୍ରଗତି ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଶ୍ରୁତି ମୁତାବକ ସେପ୍ଟେମ୍ବର ଶେଷ ସୁଦ୍ଧା ନିଯୁକ୍ତି ନ ମିଳିଲେ ଅକ୍ଟୋବର ୧ରୁ ସେମାନେ ଆନ୍ଦୋଳନ କରିବେ ଓ ଏଥିପାଇଁ ଯେଉଁ ପରିସ୍ଥିତି ଉପୁଜିବ କେବଳ ଖଣି କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ପ୍ରଶାନ୍ତ ନନ୍ଦ, ସୁବ୍ରତ ନନ୍ଦ, ନିବେଦିତା ପ୍ରଧାନ, ସୁକାନ୍ତି ପ୍ରଧାନ, ଯଶୋବନ୍ତ ନାଏକ, ଅନ୍ନପୂର୍ଣ୍ଣା ନନ୍ଦ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବଦଳିଲେ ୱାର୍ଡ ଅଫିସର

ଅନୁଗୋଳ ଅଫିସ, ୧୯।୯

ଅନୁଗୋଳ ପୌରପାଳିକାରେ ଥିବା ୨୩ ୱାର୍ଡ ଅଫିସ୍‌ରଙ୍କ ସ୍ଥାନରେ ଏଣିକି ୧୨ଜଣ କାର୍ଯ୍ୟ କରିବେ। ୬ ଜଣ ନୋଡାଲ ଅଫିସରଙ୍କ ଅଧୀନରେ ସମ୍ପୃକ୍ତ ୧୨ ୱାର୍ଡ ଅଫିସର ଓ ୧୯ ସ୍ୱଚ୍ଛସାଥୀ କାର୍ଯ୍ୟ କରିବେ ବୋଲି ପୌରପାଳିକା ପକ୍ଷରୁ ବୁଧବାର ଚିଠି ନଂ.୮୨୨୧ ଓ ୮୨୧୯ରେ ନିର୍ଦ୍ଦେଶ ଦିଆଯାଇଛି। ମୋଟ ୧୨ ଜଣଙ୍କୁ ୨୩ଟି ୱାର୍ଡର ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତିଦିନ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଏହି ୱାର୍ଡ ଅଫିସର ଲୋକମାନଙ୍କ ଅଭିଯୋଗ ଶୁଣିବେ। ଏହାପରେ ଲୋକଙ୍କ ଅଭିଯୋଗ ସମ୍ପର୍କରେ ନୋଡାଲ ଅଫିସରମାନଙ୍କୁ ଅବଗତ କରିବେ। ୱାର୍ଡ ଅଫିସରମାନେ ନିଜ ଅଞ୍ଚଳର ଲୋକଙ୍କ ସମସ୍ୟା ବୁଝିବା ସହ ପରିମଳ ଉପରେ ଗୁରୁତ୍ୱ ଦେବେ। ତେବେ ନୋଡାଲ ଅଫିସରମାନେ ବିଭିନ୍ନ ୱାର୍ଡ ପରିଦର୍ଶନ କରି ୱାର୍ଡ ଅଫିସ କିପରି ଚାଲୁଛି ତାହାର ତଦାରଖ କରିବେ। ଏଥିସହ ସ୍ୱଚ୍ଛସାଥୀମାନେ ଲୋକମାନଙ୍କୁ ପରିଷ୍କାର ଓ ପରିଚ୍ଛନ୍ନ ରହିବା ପାଇଁ କିପରି ସଚେତନ କରୁଛନ୍ତି ତାହା ଉପରେ ମଧ୍ୟ ନଜର ରଖିବେ।

## ■ବିଧାନସଭାସ୍ତରୀୟ ଉନ୍ନୟନ କମିଟି ବୈଠକ

# କେନାଲ ବୃଦ୍ଧି ପାଇଁ ବିଧାୟକଙ୍କ ପ୍ରସ୍ତାବ



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

ଆଠମଲ୍ଲିକ,୧୯।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ସଭାଘରେ ଆଠମଲ୍ଲିକ ବିଧାନସଭା ସ୍ତରୀୟ ଉନ୍ନୟନ କମିଟି ବୈଠକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା, ଉପଖଣ୍ଡସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟତଃ କୃଷି, ଶିକ୍ଷା, ଜଳସେଚନ, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ପାନୀୟ ଜଳ, ପ୍ରାଣୀଧନ, ମାଛ ଚାଷ, ହାତୀ ସମସ୍ୟା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ବିନିକେୟୀରୁ ମଝିପଡା ରାସ୍ତାର ଉନ୍ନତି, ଟିକରପଡା, ଛୁଟକେୟୀ, ବିନିକେୟୀ, ବେଲପୁଞ୍ଜି ଆଦିରେ ପାନ୍ଥନିବାସ ନିର୍ମାଣ ସହିତ ପର୍ଯ୍ୟଟନ ସ୍ଥଳର ଉନ୍ନତି ନିମନ୍ତେ ଆଲୋଚନା ହୋଇଥିଲା। ମାଧପୁର, କିଆକଟା, ବଇଣ୍ଡା, ବାମୁର, ପାଇକସାହି, ସାନହୁଲା, ପେଡିପଥର, ଅଏଡା ଆଦି ବସ୍ ରହଣି ସ୍ଥାନରେ ପରିସ୍ରାଗାର ଓ ପାନୀୟ ଜଳର ବ୍ୟବସ୍ଥା କରିବାକୁ ବିଧାୟକ ସାଏ ପରାମର୍ଶ ଦେଇଥିଲେ। ଲିଚୁ, ଆମ୍ବ, ଡାଳିମ୍ବ, ଗାଈ, ଛେଳି, ମେଣ୍ଢା, ମାଛ ଚାଷ ଉପରେ ସାଏ ଗୁରୁତ୍ୱ ଦେଇଥିଲେ। ମାନଜୋର ଜଳସେଚନ ପ୍ରକଳ୍ପର ଉଭୟ ପାର୍ଶ୍ୱ ସହ ଜୟଗଡ କ୍ଷୁଦ୍ର ଜଳସେଚନର କେନାଲ ବୃଦ୍ଧି ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ। ଧଉରାଗୋଠ ଜଳସେଚନ ପ୍ରକଳ୍ପ ପ୍ରସ୍ତାବ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଠାକୁରଗଡ, ବଇଣ୍ଡା, ହଣ୍ଡପା ପରି ରାସ୍ତା କଡରେ ଥିବା ଡାକ୍ତରଖାନା ଗୁଡିକରେ ଡାକ୍ତର ନିଯୁକ୍ତ କରିବାକୁ ବିଧାୟକ ସାଏ ପ୍ରସ୍ତାବ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଓଭରହେଡ ଟାଙ୍କି, ନଳକୂଅ, ଆଦିବାସୀ ହଷ୍ଟେଲର ରକ୍ଷଣାବେକ୍ଷଣ, ହିତାଧିକାରୀଙ୍କୁ ପକ୍କାଘର, ମଣିଷ ମରା ହାତୀକୁ ସ୍ଥାନାନ୍ତର ଆଦି ଉପରେ ସାଏ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ଅନୁଗୋଳ ଏଡିଏମ ତପନ କୁମାର ଶତପଥୀ, ପିଡି ଡିଆରଡିଏ ଅମୂଲ୍ୟ କୁମାର ଚମ୍ପତିରାୟ, ଡେପୁଟି ଡାଇରେକ୍ଟର ପ୍ଲାନିଂ ରବୀନ୍ଦ୍ର ନାଥ ନାଏକ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଆଠମଲ୍ଲିକ ବ୍ଲକ ଅଧକ୍ଷା ମୀନାକ୍ଷୀ ଦଳେଇ, କିଶୋରନଗର ବ୍ଲକ ଅଧକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କିଶୋରନଗର ବିଡିଓ ସୁଶ୍ରୀ ଅମୃତା ପ୍ରିୟମ୍ବଦା ଧନ୍ୟବାଦ ଦେଇଥିଲେ।

# ପଲିଶ୍ରୀ ମେଳାରେ ଜମୁଛି ବେପାର

ବଅଁରପାଳ,୧୯।୯(ଡି.ଏନ.ଏ.)

ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ଓରମାସ ପକ୍ଷରୁ ଜାତୀୟ ପଲିଶ୍ରୀ ମେଳାର ଆୟୋଜନ କରାଯାଇଛି। ମେଳାରେ ୨୪୦ଟି ଷ୍ଟଲ ପଡିଛି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ତରଫରୁ ସେମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ହେଉଛି। ଅନୁଗୋଳ ଉଦ୍ୟାନ ବିଭାଗ ତରଫରୁ ବିଭିନ୍ନ ଫଳ ଓ ପନିପରିବା ପ୍ରଦର୍ଶିତ ହୋଇଛି। କଖାରୁ, ବିଟ୍, ଗାଜର ଓ ଲାଉରେ ତିଆରି କରାଯାଇଥିବା ବିଭିନ୍ନ ମୂର୍ତ୍ତି ଆକର୍ଷଣୀୟ ହୋଇଛି। ୨ ଦିନ ମଧ୍ୟରେ ପ୍ରାୟ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି।

# ୭୬ ୟୁନିଟ୍ ରକ୍ତ ସଂଗ୍ରହ



ତାଳଚେର,୧୯।୯(ନି.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ ତମ ଜନ୍ମ ଦିବସ ଅବସରରେ ଭାଜପା ପକ୍ଷରୁ ଗୁରୁବାର ସ୍ଥାନୀୟ ଦେଉଳବେଢ଼ାସ୍ଥିତ ମଙ୍ଗଳମ ଅଫିସର୍ସ କ୍ଲବଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସେବା ସପ୍ତାହ କାର୍ଯ୍ୟକ୍ରମର ସଂଯୋଜକ ପର୍ଶୁରାମ ବାରିକ ସଂଯୋଜନା କରିଥିଲେ। ତାଳଚେର ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, କଣିହାଁ ବ୍ଲକ ଉପାଧକ୍ଷ ତ୍ରିପୁରାରୀ ପ୍ରଧାନ, ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକ ଆର୍.ଭି. ରିଙ୍ଗେ, ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ପେସ୍କାର ଗଡ଼ନାୟକ, ଶ୍ରମିକ ନେତା ଅକ୍ରୁର ସାହୁ, ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରଶାନ୍ତ ନନ୍ଦ, ଜିଲା ରେଡକ୍ରସର ବରିଷ୍ଠ ସଦସ୍ୟ ବଳରାମ ପତି, ଅଖିଳ ସାମଲଙ୍କ ସମେତ ବିଭିନ୍ନ ମଣ୍ଡଳ ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ ଏବଂ କଲେଜ ଛାତ୍ରୀଛାତ୍ରମାନେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ରେଡକ୍ରସ ରକ୍ତଭଣ୍ଡାର ତାଳଚେର ଶାଖାର ଡାକ୍ତର ଏବଂ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ୍ ୭୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା।

## ■ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅସୁରକ୍ଷିତ

# ଛାତରୁ ଖସୁଛି ପ୍ଲାଷ୍ଟର, ଝରୁଛି ବର୍ଷା ପାଣି

କଣିହାଁ,୧୯।୯(ଡି.ଏନ.ଏ.)



ଛାତରୁ ପ୍ଲାଷ୍ଟର ଖସି ଲୁହା ରଡ ଦେଖାଯାଉଛି।

ଛାତରୁ ପ୍ଲାଷ୍ଟର ଖସୁଛି। ଅନେକ ସ୍ଥାନରେ ଲୁହା ରଡ ଦେଖାଯାଉଛି। ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି। କେତେବେଳେ ଯେ ଅଘଟଣ ଘଟିବ ତାହା କହି ହେଉ ନାହିଁ। ଏପରି ଅବସ୍ଥାରେ ବି ଉକ୍ତ ଅସୁରକ୍ଷିତ ଗୃହରେ ଚାଲିଛି କଣିହାଁ ବ୍ଲକରେ ଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ। ଆବଶ୍ୟକ ରକ୍ଷଣା ବେକ୍ଷଣ ଓ ମରାମତି ଅଭାବରୁ ଉକ୍ତ କୋଠାଟି ଏପରି ଜରାଜୀର୍ଣ୍ଣ ହୋଇପଡ଼ିଛି। ଏ ନେଇ କର୍ତ୍ତୃପକ୍ଷ ଅବଗତ ଥିଲେ ବି ମରାମତି କରାଯାଉ ନ ଥିବାରୁ କର୍ମଚାରୀ, ସୁପରଭାଇଜରମାନେ ଅସୁରକ୍ଷିତ ଛାତ ତଳେ ବସି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଏହାକୁ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ କରାଯିବାକୁ ଦାବି ହେଉଛି।

୧୯୯୨ରେ ଏହି କୋଠା ନିର୍ମାଣ ହୋଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଜରାଜୀର୍ଣ୍ଣ ହୋଇଛି। ସାମାନ୍ୟ ବର୍ଷା ହେଲେ କାର୍ଯ୍ୟାଳୟର ନଥିପତ୍ର, କମ୍ପ୍ୟୁଟର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗୁଡ଼ିକୁ ଘୋଡ଼ାଇ ରଖାଯାଉଛି। ଫଳରେ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗନୱାଡି କର୍ମୀମାନଙ୍କୁ ନେଇ ଭୋଟର ପରିଚୟପତ୍ର ତିଆରି ସହିତ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଜନ କଲ୍ୟାଣ କାର୍ଯ୍ୟ ଦାୟିତ୍ୱ ଲଦି ଦିଆଯାଉ ଥିବାରୁ ପ୍ରତିଦିନ ହିତାଧିକାରୀ ଓ ଅଙ୍ଗନୱାଡ଼ି କର୍ମୀ ଏହି କାର୍ଯ୍ୟାଳୟକୁ ଆସୁଛନ୍ତି। ଏପରିସ୍ଥଳେ ଅସୁରକ୍ଷିତ କୋଠାକୁ ଭଙ୍ଗାଯାଇ ନିର୍ମାଣ ପର୍ଯ୍ୟନ୍ତ ମାତ୍ର ୫୦ ମିଟର ଦୂରରେ ଥିବା କଣିହାଁ ପଞ୍ଚାୟତର ଅବ୍ୟବହୃତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ଦାବି ହୋଇଛି। ଏ ନେଇ ସିଡିପିଓ ଝୁନୁବାଳା ଦେଈ କହିଛନ୍ତି, ୧୯୯୨ରେ ସ୍ଥାପିତ ଏହି କୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ସମସ୍ୟା ସମ୍ପର୍କରେ ୨ ବର୍ଷ ଆଗରୁ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଛି। ମରାମତି ପାଇଁ ୭ ଲକ୍ଷ ୯୦ ହଜାର ଟଙ୍କା ଆସିଥିଲା। ହେଲେ ବିଡିଓ ଓ ଯନ୍ତ୍ରୀ ଏହା ମରାମତି ଯୋଗ୍ୟ ନୁହେଁ ବୋଲି କହିବା ପରେ ଟଙ୍କା ଫେରିଯାଇଛି। ନୂତନ କୋଠା କେବେ କରାଯିବ ଓ ସମସ୍ୟାର ସମାଧାନ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ କଣିହାଁ ବିଡିଓ ରମେଶ କୁମାର ଜେନା କହିଛନ୍ତି, ଅଟକଳ ସରିଛି। ଖୁବଶୀଘ୍ର ନୂତନ କୋଠା ତିଆରି ହେବ। ଆଲୋଚନା କରାଯାଇ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବ।

## ସଂକ୍ଷେପରେ

### ସିନ୍ଦୂର ଖାଇ ୨ ନାବାଳକ ଭାଇ ଗୁରୁତର

**ବନ୍ତ, ୧୯।୯ (ସ୍ୱ.ପ୍ର.):** ଗୁରୁବାର ଅପରାହ୍ଣରେ ସିନ୍ଦୂର ଖାଇ ଦୁଇ ନାବାଳକ ଭାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଭଦ୍ରକ ଜିଲା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଘର ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗରସଙ୍ଗ ଗ୍ରାମରେ ବୋଲି ଜଣାପଡ଼ିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ୫ମ ଓ ୬ଷ୍ଠ ଶ୍ରେଣୀରେ ପାଠ ପଢୁଥିବା ଏହି ଦୁଇ ଭାଇ ଘରେ କେହି ନ ଥିବାବେଳେ ସିନ୍ଦୂରକୁ ପାଣିରେ ଗୋଳାଇ ପିଇ ଦେଇଥିବା ଜଣାପଡ଼ିଛି। ସେମାନଙ୍କ ମା' ଘରକୁ ଫେରିବା ପରେ ଶୋଇବାଘର କବାଟ ବନ୍ଦ ଥିବା ଦେଖିଥିଲେ। ସେ କବାଟ ବାଡ଼େଇଥିଲେ ମଧ କେହି ଶୁଣି ନ ଥିଲେ। ପଡ଼ୋଶୀ ଲୋକଙ୍କୁ ଡାକି ସେ କବାଟ ଖୋଲିବା ପରେ ଜଣେ ପୁଅ ଖଟ ଉପରେ ଓ ଜଣେ ତଳେ ଅଚେତ ହୋଇ ପଡ଼ିଥିବା ସହ ଘର ସାରା ସିନ୍ଦୂର ବିଞ୍ଚି ହୋଇଥିବା ଦେଖିବାକୁ ପାଇଥିଲେ। ସେମାନେ ସିନ୍ଦୁର ଖାଇ ଦେଇଥିବା ସନ୍ଦେହ କରି ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସା ପରେ ୨ ଜଣ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ପାଠପଢ଼ାକୁ ଡରି ସେମାନେ ଏପରି କରିଥିବା ପରିବାର ଲୋକେ ଅନୁମାନ କରୁଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର

**ଭଦ୍ରକ ଅଫିସ, ୧୯।୯:** ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଶଙ୍କରପୁର ଗାଁର ରାଜେଶ ରାଉତ ନାମକ ଜଣେ ଯୁବକ ବୁଧବାର ରାତିରୁ ମାଛ ଧରିବାକୁ ଯାଇ ସାଳନ୍ଦୀ ନଦୀରେ ନିଖୋଜ ଥିଲେ। ଗୁରୁବାର ତାଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୁଧବାର ରାତିରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ନଦୀରେ ଖୋଜାଖୋଜି କରି ମଧ ରାଜେଶଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳେ ନଦୀରେ ରାଜେଶଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ।

### ୫ ଦୋକାନରୁ ଚୋରି

**ଭଦ୍ରକ ଅଫିସ, ୧୯।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାହାଞ୍ଜ ବଜାରରୁ ବୁଧବାର ରାତିରେ ୫ଟି ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ବଜାରରେ ଥିବା ଏକ ଇଲେକ୍ଟ୍ରି ଦୋକାନ, ତେଜରାତି, ସେଲୁନ, ଗୋଖାଦ୍ୟ ଓ ଗୋଟିଏ ଭେରାଇଟି ଷ୍ଟୋରର କବାଟ ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### 'ଉନ୍ନୟନ କାର୍ଯ୍ୟରେ ସମନ୍ୱୟ ରଖ'

**ବାସୁଦେବପୁର, ୧୯।୯(ଡି.ଏନ୍.ଏ.):** ବାସୁଦେବପୁର ବ୍ଲକରେ କାର୍ଯ୍ୟରତ ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ନୀଳଗିରିର ଆଇଟିଡିଏକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂତନ ବିଡିଓ ଭାବେ ପ୍ରଣବ ବେହେରା କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବ୍ଲକ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉନ୍ନୟନ କାର୍ଯ୍ୟ କ୍ଷେତ୍ରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପ୍ରଣବ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ସେ ଗଜପତି ଜିଲାର କାଶୀନଗର ବିଡିଓ ଭାବେ କାର୍ଯ୍ୟରତ ଥିଲେ।

### ଓଏସ୍‌ଆଇସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ବେତନଟୀ, ୧୯।୯(ଡି.ଏନ୍.ଏ.)-** ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ(ଓଏସ୍‌ଆଇସି) ଅଧକ୍ଷ ଚିନ୍ମୟ ସାହୁ ବୁଧବାର ମୟୂରଭଞ୍ଜ ଡିଆଇସି ଅଫିସ ପରିଭ୍ରମଣରେ ଆସିଥିଲେ। ଅପରାହ୍ଣରେ ଭୁବନେଶ୍ୱର ଫେରିବା ସମୟରେ ବେତନଟୀ ବଙ୍ଗଳା ଛକଠାରେ ତାଙ୍କୁ ବିଜୁ ଜନତା ଦଳର କର୍ମୀମାନେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଜେଡି ଜିଲା ଉପସଭାପତି ଭବାନୀଶ ଙ୍କର ମିଶ୍ର, ଯୁବନେତା ସୁଶାନ୍ତ ବଳା, ପ୍ରିୟବ୍ରତ ପଟ୍ଟନାୟକ, ସୁନ୍ଦର ମୋହନ ମହାନ୍ତ, ଛାତ୍ରନେତା ଚିତ୍ତେଶ୍ୱର ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

■ଘୁମା ରୋଗରେ ମଲେଣି ୫ ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା

# ଚାଷୀ ମହଲରେ ବଢୁଛି ଅସନ୍ତୋଷ

**ବନ୍ତଲା, ୧୯।୯(ଡି.ଏନ.ଏ.)**


ମରି ପଡ଼ିଥିବା କୁକୁଡ଼ା।

ଅନୁଗୋଳ ବ୍ଲକ ଅଞ୍ଚଳରେ ଅଜଣା ରୋଗରେ ଗୋରୁ ଆକ୍ରାନ୍ତ ହେଉଥିବା ବେଳେ ଏବେ ବ୍ରଏଲର କୁକୁଡ଼ା ମଡ଼କ ଦେଖାଦେଇଛି। ବିଶେଷକରି ବନ୍ତଲା ଅଞ୍ଚଳରେ କିଛି ଦିନ ମଧ୍ୟରେ ଘୁମା ରୋଗରେ ୫ ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା ମୃତ୍ୟୁମୁଖରେ ପଡ଼ିଥିବାରୁ ଏହି ଚାଷୀମାନେ ବହୁ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଦେଢ଼ କେଜିରୁ ଦୁଇ କେଜି ମଧ୍ୟରେ ହୋଇଥିବା କୁକୁଡ଼ା ବିକ୍ରି ପୂର୍ବରୁ ରୋଗରେ ମରୁଥିବା ବେଳେ ବିଭାଗ ପକ୍ଷରୁ ପ୍ରତିକାର କରାଯାଉ ନାହିଁ। ଏ ନେଇ କୁକୁଡ଼ା ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଅନୁଗୋଳ ବ୍ଲକର ବନ୍ତଲା, ଖାଲଙ୍ଗା, ଖିଣ୍ଡା, ବାରଗୌଣିଆ, କଲେଇପଦା, କନ୍ତମେଘ, ରଗୁଡ଼ିଆପଡା, ମରଣ୍ଡା, ତାଳପଦା, ବଡ଼କନ୍ତକୁଳ, ସାନକନ୍ତକୁଳ, ଗଡ଼ତରାସ, ନୂଆଖେତା ଆଦି ଗ୍ରାମରେ ଏହି କୁକୁଡ଼ା ମଡ଼କ ଦେଖାଦେଇଛି। ଖିଣ୍ଡା ଗ୍ରାମର ଅରୁଣ କୁମାର ସାହୁଙ୍କ ୩୫୭, କାମଦେବ ଦେହୁରୀଙ୍କ ୩୮୦, କଲେଇପଦା ଗ୍ରାମର ସ୍ମୃତି ରଞ୍ଜନ ବେହେରାଙ୍କ ୧୯୦୦, ବଣାମୀରା ଗ୍ରାମର ଅନୀଲ କୁମାର ଦାସଙ୍କ ୧୦୦୦ କୁକୁଡ଼ା, ତାଳପଦା ଗ୍ରାମର ଗାଙ୍ଗୁଲି ପ୍ରଧାନଙ୍କ ୮୫୦, ନୂଆଖେତାର ଅଶୋକ ପ୍ରଧାନଙ୍କ ୯୮୨ କୁକୁଡ଼ା ମରିଥିବା ବେଳେ ଆହୁରି ୫୦ରୁ ଅଧିକ ଚାଷୀଙ୍କ ଶହ ଶହ କୁକୁଡ଼ା ମୃତ୍ୟୁମୁଖରେ ପଡ଼ିଥିବା ଅଭିଯୋଗ ହୋଇଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କରୁ ଋଣ ଓ ହାତଉଧାରି ଆଣି ଏହି ଚାଷ କରିଥିବା ବେଳେ ଏଭଳି ମଡ଼କ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ଏଯାଏ ବିଭାଗ ପକ୍ଷରୁ କୋଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏ ସମ୍ପର୍କରେ ପ୍ରାଣୀ ବିଭାଗର ଉପ ନିର୍ଦ୍ଦେଶକ ଭରତ ଚନ୍ଦ୍ର ଗଡନାଏକ କୁହନ୍ତି, ବ୍ରଏଲର କୁକୁଡ଼ା ଚାଷୀମାନଙ୍କୁ ବିଭିନ୍ନ କମ୍ପାନୀ ଦେଉଛି। ସେମାନେ ତାହାର ରକ୍ଷଣା ବେକ୍ଷଣ କରୁଛନ୍ତି। ଆମର ତାଙ୍କ ସହିତ କୌଣସି ସମ୍ପର୍କ ନାହିଁ। ଯଦି ଦେଶୀ କୁକୁଡ଼ା ମୃତ୍ୟୁମୁଖରେ ପଡ଼ନ୍ତି ତା'ହେଲେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

## ରେଙ୍ଗାଳି ଅଞ୍ଚଳରେ ହାତୀ ଆତଙ୍କ

**କଣିହାଁ, ୧୯।୯(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ ଅଧୀନ ରେଙ୍ଗାଳି ଫରେଷ୍ଟ ସେକ୍ସନରେ ୩ମାସ ହେଲା ହାତୀ ଉପଦ୍ରବ ଲାଗି ରହିଛି। ବନ ବିଭାଗ କର୍ମଚାରୀଙ୍କ ସହିତ ହାତୀ ଘଉଡାଇବା ପାଇଁ ରହିଥିବା କର୍ମଚାରୀଙ୍କ ଅବହେଳାରୁ ହାତୀପଲ ଏହି ସ୍ଥାନ ଛାଡ଼ି ଯାଉ ନ ଥିବାରୁ କ୍ଷୟକ୍ଷତି ବଢ଼ିବାରେ ଲାଗିଛି। ବିଶେଷକରି ହାତୀ ପଲ ଏଠାକାର ଚାଷ ଜମିରେ ପଶି ଫସଲ ଉଜାଡୁଛନ୍ତି। କ୍ଷତିପୂରଣ ବ୍ୟବସ୍ଥା ପାଇଁ ବନ ବିଭାଗ କାର୍ଯ୍ୟ କରୁଥିଲେ ମଧ୍ୟ ଯାତାୟାତ ନେଇ ୧୦ରୁ ଅଧିକ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଗଣ୍ଡମାଳା ପଞ୍ଚାୟତ ଅଞ୍ଚଳକୁ ହାତୀପଲ ନିକଟସ୍ଥ ଜଙ୍ଗଲରୁ ଆସି ଚାଷ ଜମିରେ ପ୍ରବେଶ କରି କ୍ଷୟକ୍ଷତି ଘଟାଇଛନ୍ତି। କଣିହାଁ ରେଞ୍ଜର ପ୍ରତାପ ରାଉଳ କହିଛନ୍ତି, ଦେବଗଡ଼, ସମ୍ବଲପୁର ଜିଲା ସୀମାନ୍ତ ଅଞ୍ଚଳରୁ ୧୫ ହାତୀ ଆସି ଅନେକ ଦିନ ହେଲା ରହିଛନ୍ତି। ସେମାନେ ବ୍ରାହ୍ମଣୀ ନଦୀ ଜଳକୁ ନେଇ ନିଜ ଏରିଆକୁ ଫେରି ପାରୁନାହାନ୍ତି। ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଛି।


ଗୋରୁଙ୍କୁ ଟିକା ଦିଆଯାଉଛି।

## ଟିକାକରଣ, କୃମି ନିବାରଣ ଶିବିର

**ଛେଣ୍ଡିପଦା, ୧୯।୯(ସ୍ୱ.ପ୍ର.)**

ଅନୁଗୋଳ ଜିଲା ବନ୍ୟପ୍ରାଣୀ ବନଖଣ୍ଡର ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର କୋଶଳା ଶିମିଳିସାହିଠାରେ ପ୍ରାଣୀଧନଙ୍କ ସମୂହ ଟିକାକରଣ ଓ କୃମି ନିବାରଣ ଶିବର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ବିକାଶ ରଞ୍ଜନ ବେହେରା, ଡାକ୍ତର ପଲ୍ଲବୀ ପ୍ରିୟଦର୍ଶନୀ ଦାଶ, ପ୍ରାଣୀଧନ ନିରୀକ୍ଷକ ଓ ବନପାଳଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଶିବିରରେ ଉପସ୍ଥିତ ରହି ପ୍ରାଣୀଧନଙ୍କ ଚିକିତ୍ସା କରିଥିଲେ। ପ୍ରଥମ ଦିବସରେ ମାରୁଢିପ ଗ୍ରାମରେ ୩୪୬ ଗୋରୁଙ୍କୁ ଫାଟୁଆ ପ୍ରତିଷେଧକ ଟିକା ଦିଆଯାଇଥିଲା। ଦ୍ୱିତୀୟ ଦିବସରେ ୨୯୪ ଗୋରୁଙ୍କୁ କୃମିନାଶକ ଔଷଧ, ଭିଟାମିନ ଏବଂ ୧୩୦ଟି ଛେଳି ମେଣ୍ଢାଙ୍କୁ କୃମିନାଶକ ଔଷଧ ବଣ୍ଟନ କରାଯାଇଥିଲା। ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଚରାବୁଲା କରୁଥିବା ଗୃହପାଳିତ ପଶୁଙ୍କଠାରୁ ଫାଟୁଆ ଓ ବଜବଜିଆ ଭଳି ସଂକ୍ରାମକ ରୋଗ ବନ୍ୟପ୍ରାଣୀଙ୍କୁ ସଂକ୍ରମିତ ହେବା ଆଶଙ୍କା କରି ପ୍ରତିବର୍ଷ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏଭଳି ପ୍ରତିଷେଧକ ଟିକାକରଣ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ କରାଯାଇଥାଏ। ଏହି ଶିବିର ଆଗାମୀ ଦିନରେ ଛେଣ୍ଡିପଦା ବନାଞ୍ଚଳର ବିଭିନ୍ନ ସ୍ଥାନରେ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ ସୂଚନା ଦେଇଛନ୍ତି।

## ଉ.ପ୍ରା. ବିଦ୍ୟାଳୟରେ ବ୍ୟାଗ ବଣ୍ଟନ


ଜଣେ ଛାତ୍ରଙ୍କୁ ବ୍ୟାଗ ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୧୯।୯**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟରେ ପୁରାତନ ଛାତ୍ର ତଥା ସାମାଜିକ କର୍ମୀ ଆଦିକନ୍ଦ ସିଂ ଓ ତାଙ୍କ ସ୍ତ୍ରୀ କାଦମ୍ବିନୀ ସିଂସାମନ୍ତଙ୍କ ନିଜସ୍ୱ ଉଦ୍ୟମରେ ୨୧୫ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୨୨ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ ବିତରଣ କରାଯାଇଥିଲା। ସିଂସାମନ୍ତ ଏଥିପୂର୍ବରୁ ରାଣୀଗୋଡ଼ା ପଞ୍ଚାୟତରେ କାହାରି ମୃତ୍ୟୁ ହେଲେ ଉକ୍ତ ଶବଦାହ ପାଇଁ ସମ୍ପୃକ୍ତ ପରିବାରକୁ ସହାୟତା ଯୋଗାଇ ଆସୁଛନ୍ତି। ଏହି କାର୍ଯ୍ୟ ପାଇଁ ସେ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଫକୀର ମୋହନ ନାଟ୍ୟ ସଂସଦ ପକ୍ଷରୁ ହରିଶ୍ଚନ୍ଦ୍ର ସମ୍ମାନରେ ଭୂଷିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଙ୍ଗଠନର ସଦସ୍ୟ ତେତ୍ରାନନ୍ଦ ସାମନ୍ତ, ନିର ସାହୁ, ସୌଭାଗ୍ୟ କୁମାର ସିଂ, ସମ୍ବିତ କୁମାର ସାମନ୍ତ ଓ ମୋ ସ୍କୁଲ ଅଭିଯାନର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିଲ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା ସିଂସାମନ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଏସିଡ୍ ଆକ୍ରମଣ ସମ୍ପର୍କରେ ସଚେତନତା ଶିବିର

**ଅନୁଗୋଳ ଅଫିସ, ୧୯।୯**

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟ ଠାରେ ଏସିଡ୍ ଆକ୍ରମଣ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ଶିବିରରେ ଅଧକ୍ଷତା କରିଥିବାବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ନିଲୋଫର, ଦ୍ୱିତୀୟ ବିଚାର ବିଭାଗୀୟ ଅଧିକାରୀ ତାରିଣୀ ପ୍ରସାଦ ସାହୁ ଓ ଶ୍ରୁତି ସ୍ୱରୂପା ସାହୁ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ବରିଷ୍ଠ ଆଇନଜୀବୀ ପ୍ରମୋଦ ପ୍ରଧାନ, ଲିଗାଲ୍ ପ୍ରୋବେସନ୍ ଅଫିସର ପ୍ରଦୀପ ନାୟକ ଓ ପ୍ରାଧିକରଣ ସଦସ୍ୟ ପର୍ଶୁରାମ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସେମାନେ ଏସିଡ ଆକ୍ରମଣର ଶିକାର ହୋଇଥିବା ପୀଡିତା ଓ ଆକ୍ରମଣକାରୀଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଏସିଡ୍ ଆକ୍ରମଣକାରୀଙ୍କ ପାଇଁ ଜେଲ ଦଣ୍ଡର ବ୍ୟବସ୍ଥା ଥିବା ବେଳେ ପୀଡିତାଙ୍କୁ ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ତୁରନ୍ତ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଇଥାଏ। ଯଦି କୌଣସି ଡାକ୍ତରଖାନା ପୀଡିତାଙ୍କ ଚିକିତ୍ସା କରିବାକୁ ମନା କରନ୍ତି ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ।

## ପ୍ରଦୂଷଣ ରୋକିବାକୁ ହଜାରେ ଚାରା ରୋପଣ


ଲୋକଙ୍କୁ ଚାରା ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୧୯।୯**

ପରିବେଶ ପ୍ରଦୂଷଣ ରୋକିବା ଉଦ୍ଦେଶ୍ୟରେ କୃଷକମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ଓ ବାଲୁଅକଟା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ଜିଲା କୃଷି ଅଧିକାରୀ ପ୍ରଦୀପ୍ତ ନନ୍ଦ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାଷୀମାନଙ୍କ ସହ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ବାଲୁଅକଟା ଗ୍ରାମରେ ୨ ଶହ ଚାଷୀଙ୍କୁ ନେଇ ଚାରାରୋପଣ କରାଯାଇଥିଲା। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିନିତା ଶତପଥୀ, ବନ୍ତଲା ବନଖଣ୍ଡ ରେଞ୍ଜର ଦିଲେଶ୍ୱର ପ୍ରଧାନ, ବନାଞ୍ଚଳ ଅଧିକାରୀ ଓ ବୈଜ୍ଞାନିକ (ଉଦ୍ୟାନ ବିଭାଗ) ଚାଷୀମାନଙ୍କୁ ଚାରା ରୋପଣ, ଜଳ ସଂରକ୍ଷଣ ପ୍ରମୁଖ ବିଷୟରେ ସଚେତନ କରାଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ହଜାରେ ଶିଶୁ, ଶୁଗୁଆନ, ତେନ୍ତୁଳି, ଅଁଳା, ସଜନା ଓ ବାହାଡ଼ା ଭଳି ଚାରା ବିତରଣ କରାଯାଇଥିଲା। ଏଥିପାଇଁ ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ ଓ ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରାୟଙ୍କ ପ୍ରୟାସକୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ଅବସରରେ ବାଲୁଅକଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଫକୋ ଓ କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳର ମିଳିତ ସହଯୋଗରେ ଏହା ଆୟୋଜନ ହୋଇଥିଲା।

## ଶ୍ରୀମତୀ ବଦ୍ରାଙ୍କୁ ସମ୍ବର୍ଦ୍ଧନା


ସ୍କୁଲ ପକ୍ଷରୁ ଶ୍ରୀମତୀ ବଦ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ତାଳଚେର, ୧୯।୯(ନି.ପ୍ର.)**

ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ୨୦୧୮ ପାଇଥିବା ଛାତ୍ରୀ ଶ୍ରୀମତୀ ବଦ୍ରାଙ୍କୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। ଘଣ୍ଟପଡା ନୋଡାଲ୍ ଉଚ୍ଚ ବିଦ୍ୟାଳୟଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ ଯୋଗଦେଇ ଶ୍ରୀମତୀ ବଦ୍ରାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଦେବାଶିଷ ସାହୁ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ସାମାଜିକ କର୍ମୀ କ୍ଷୀରୋଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦୁର୍ଘଟଣା ପୀଡିତା ଛାତ୍ରୀ ପ୍ରମିଳା ମୁଣ୍ଡାଙ୍କୁ ସମବେଦନା ଜ୍ଞାପନ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିକ୍ଷକ ଉମେଶ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରୁଚିର କୁମାର ରଥ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଟ୍ରେନ୍‌ରୁ କେନ୍ଦୁପତ୍ର ଜବତ

**ବଇଣ୍ଡା, ୧୯।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ରେଳ ଷ୍ଟେଶନଠାରେ ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସରୁ ଗୁରୁବାର ସନ୍ଧ୍ୟାରେ ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ଚଢାଉ କରି ୧୩୫ କେଜି ଚୋରା କେନ୍ଦୁପତ୍ର ଜବତ କରିଛି। ଏଥିରେ କାହାରିକୁ ଗିରଫ କରାଯାଇ ନାହିଁ। ଟ୍ରେନରେ କେନ୍ଦୁପତ୍ର ଚାଲାଣ ହେଉଥିବା ଖବରପାଇ ବଇଣ୍ଡା ରେଲୱେ ଫାଣ୍ଡି ଅଧିକାରୀ ଏ.କେ ଗଡ଼ନାୟକ ଓ କର୍ମଚାରୀ ଚଢାଉ କରିଥିଲେ।



## ୨୧ରେ ବନ୍ଦେ ମାତରମ୍ ଭାରତ ଭକ୍ତି ବନ୍ଦନା


ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ ସଭାପତି ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୧୯।୯**

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସର୍ବ ଭାରତୀୟ ଏକଲ ବିଦ୍ୟାଳୟ ଅଭିଯାନର ଅଂଶସ୍ୱରୂପ ଏକ ଜନ ସଚେତନତା କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍ ଭାରତ ଭକ୍ତି ବନ୍ଦନା' ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଆଶୁ କବି, ନାଟ୍ୟକାର ତଥା ଚିତ୍ରକର ବାବା ସତ୍ୟନାରାୟଣ ମୌର୍ଯ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଅନୁଗୋଳ ଏକଲ ବିଦ୍ୟାଳୟ ସଭାପତି ଡା. ସୁଧାକର ପାଳ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଓଡ଼ିଶାରେ ୫ ହଜାର ସହ ଦେଶରେ ପ୍ରାୟ ୯୦ ହଜାର ଏକଲ ବିଦ୍ୟାଳୟ ସ୍ଥାପନ ହୋଇଛି। ଅନୁଗୋଳରେ ଏହି ସ୍କୁଲ ସଂଖ୍ୟା ୩୭୦ ରହିଛି। ଆସନ୍ତା ୨୧ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ମୌର୍ଯ୍ୟ ଯୋଗଦେଇ ଅଭିଭାଷଣ ସହ ବିଦ୍ୟାଳୟର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରିବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏକଲ ବିଦ୍ୟାଳୟ ସଭାପତି ପାଳଙ୍କ ସହ ଉପସଭାପତି ଡା. ସିଦ୍ଧନାଥ ସାହୁ, ସମ୍ପାଦକ ରଥୁ ମାହନ୍ତ, ସଂଯୋଜକ ଅଭୟ କୁମାର ରାୟ, ଅଶୋକ ମୁଦୁଲି, ବିଜୟ ମୋଦି, ଅଶୋକ ମୋଦି, ରାମକୃଷ୍ଣ ତ୍ରିପାଠୀ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଗୋପାଳବୀ ମୁଦ୍ରା, ରମେଶ ଚନ୍ଦ୍ର ସାହୁ, ବିଶନ ଦୟାଲ ତୁଲସ୍ୟାନ, ସୁଦର୍ଶନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତା
**ସ୍ଥାନ:** ମୁଖ୍ୟ ଷ୍ଟାଡିୟମ
**ସମୟ:** ଅପରାହ୍ନ ସାଢ଼େ ୩ଟା।

## ସଂକ୍ଷେପରେ

### ଘର ଭାଙ୍ଗିଲା ଦନ୍ତା



**ପରଜଙ୍ଗ, ୧୯।୯(ଡି.ଏନ.ଏ.):** ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଜଟିଆ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଦାନ୍ତ କଟାଯାଇଥିବା ନରହନ୍ତା ଦନ୍ତା ଆତଙ୍କ ସୃଷ୍ଟି କରିଛି। ମାନସ ସାହୁ, ବିଶ୍ୱନାଥ ସାହୁଙ୍କ ଘର ହାତୀ ଭାଙ୍ଗିଦେଇଛି। ରାତି ତମାମ ଜନବସତିରେ ଉତ୍ପାତ ସୃଷ୍ଟି କରିବା ଯୋଗୁ ଲୋକ ଭୟଭୀତ ହୋଇପଡ଼ିଥିଲେ। ଦିନକୁ ଦିନ ହାତୀ ହିଂସ୍ର ହେବାରେ ଲାଗିଛି। ଉକ୍ତ ଦନ୍ତା ଶତାଧିକ ଏକର ଧାନ ଫସଲ ନଷ୍ଟ କରିସାରିଲାଣି। ଅନେକ ପରିବାର ବାସହରା ହୋଇ ଖୋଲା ଆକାଶ ତଳେ ଅଛନ୍ତି। ଉକ୍ତ ହାତୀକୁ ଅନ୍ୟତ୍ର ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ଗୁରୁବାର ସନ୍ଧ୍ୟାରେ ହାତୀଟି ଜଟିଆ ମୁହାଁ ହୋଇଛି। ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀ ଉପରେ ନଜର ରଖାଯାଇଛି। ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ଦିଆଯିବ।

### ଚରଣ ଜେନା ହତ୍ୟାକାଣ୍ଡ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

**ଢେଙ୍କାନାଳ ଅଫିସ, ୧୯।୯:** ଢେଙ୍କାନାଳ ଜିଲା ଜଜ୍‌ଙ୍କ ଅଦାଲତରେ ଗୁରୁବାର ଚରଣ ଜେନା ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାସ ଅଭିଯୁକ୍ତ ଅର୍ଜୁନ ସାମଲଙ୍କୁ ଆବଶ୍ୟକ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ହିନ୍ଦୋଳ ଥାନା ବାଉଁଶପୋଖରୀ ପଞ୍ଚାୟତର କର୍ଣ୍ଣପୁର ସ୍କୁଲ ସାହି ଅଞ୍ଚଳର ଚରଣଙ୍କ ମୃତ୍ୟୁ ୨୦୧୭ ଜୁନ୍ ୩୦ରେ ଅର୍ଜୁନଙ୍କ ଘର ସମ୍ମୁଖରେ ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ଭାଇ କରୁଣାକର ଜେନା ଅଭିଯୋଗ କରିଥିଲେ। ଏ ନେଇ ନଂ. ୪୬/୧୭ରେ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜୁଲାଇ ୭ରେ ପୋଲିସ ଅର୍ଜୁନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୧୨୦/୧୭ର ବିଚାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ମାମଲା ପରିଚାଳନା କରିଥିଲେ।

### ଜିଏମ୍‌ଆରକୁ ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର



**ଢେଙ୍କାନାଳ ଅଫିସ,୧୯।୯:** ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିଚାଳନା ପ୍ରକ୍ରିୟା ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡକୁ ଚଳିତବର୍ଷ ସମ୍ମାନଜନକ ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର ମିଳିଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ସୂଚନା ଭବନ ପରିସରରେ ବୁଧବାର ଓଏସ୍‌ପିସିବିର ୩୭ତମ ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କଠାରୁ କମ୍ପାନୀର ସିଓଓ ରମେଶ ଆର୍. ପାଇ ଏବଂ ଇଏଚ୍‌ଏସ୍ ବିଭାଗୀୟ ମୁଖ୍ୟ ସୁଶାନ୍ତ ସାହୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

### ମନ୍ଦିରରୁ ଚୋରି

**କାମାକ୍ଷାନଗର, ୧୯।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଯନ୍ତାରିବୋଲ ଇସ୍କନ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଠାକୁରଙ୍କ ୨ଟି ରୂପା ମୁକୁଟ, ଗୋଟିଏ ପିତ୍ତଳ ଥାଳି, ହୁଣ୍ଡି ବାକ୍ସ, ଚାମର ଚୋରି କରି ନେଇଯାଇଛନ୍ତି। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

# ପରମ୍ପରା ବଜାୟ ରଖିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୯।୯**



ବୈଠକରେ ପ୍ରଶାସନିକ ଅଧିକାରୀମାନେ।

**ପ୍ରସିଦ୍ଧ ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ**

- ■ରାତି ୧୨ଟା ଯାଏ ଖୋଲା ରହିବ ଦୋକାନ
- ■ମଦ୍ୟପ ଗାଡ଼ି ଚାଳକଙ୍କୁ କଠୋର ଦଣ୍ଡ

ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜାକୁ ଶୃଙ୍ଖଳିତ କରିବାକୁ ପାଗ ଭିଡ଼ିଛି ପ୍ରଶାସନ। ଏ ନେଇ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରି କହିଲେ, ଅକ୍ଟୋବର ୧୩ରୁ ୨୪ ଯାଏ ପୂଜା ଅନୁଷ୍ଠିତ ହେବ। ସମନ୍ୱୟ ରହିଲେ ଛୋଟବଡ଼ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିବ। ଏଥିପ୍ରତି ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଏବଂ ବିଭାଗୀୟ ଅଧିକାରୀ ଯତ୍ନବାନ ହେବା ଜରୁରୀ। ପରମ୍ପରା ବଜାୟ ରଖି ପୂଜା ଉତ୍ସବକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ଜିଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏସ୍‌ପି ଅନୁପମା ଜେମ୍‌ସ କହିଲେ, ଚଳିତ ବର୍ଷ ୩୮ ପୂଜା ମଣ୍ଡପରେ ମା'ଙ୍କ ଆବାହନ କରାଯାଉଛି। ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସମସ୍ତ ମଣ୍ଡପ, ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଲିସ ମୁତୟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ, ରାସ୍ତାରେ ଆଲୋକୀକରଣ, ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ଅସ୍ଥାୟୀ ପରିସ୍ରାଗାର, ବ୍ୟସ୍ତବହୁଳ ରାସ୍ତାଗୁଡ଼ିକର ମରାମତି, ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ, ଖାଦ୍ୟ ପଦାର୍ଥ ଯାଞ୍ଚ, ଆଶୁ ଚିକିତ୍ସା କ୍ୟାମ୍ପ, ବୁଲାଜନ୍ତୁଙ୍କୁ ଜବତ କରିବା, ମଦ୍ୟପ ଗାଡ଼ିଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, ଚୋରା ମଦ କାରବାର ରୋକିବାକୁ ନିୟନ୍ତ୍ରଣ କକ୍ଷ ଖୋଲିବା, ଭସାଣିରେ ମଦ ଦୋକାନ ବନ୍ଦ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି। ପୌରାଞ୍ଚଳର ବିଭିନ୍ନ ରାସ୍ତାରେ ଜମା ହୋଇ ରହିଥିବା ଗୃହ ନିର୍ମାଣ ସାମଗ୍ରୀ ଟ୍ରାଫିକ୍ ସମସ୍ୟା ବଢ଼ାଉଛି। ପୂଜା ପୂର୍ବରୁ ସେସବୁକୁ ହଟାଯିବ। ପୂଜା ସମୟରେ ସହରରେ ଥିବା ଦୋକାନଗୁଡ଼ିକ ରାତି ୧୨ଟା ଯାଏ ଖୋଲା ରହିବ। ଭସାଣି ଶୋଭାଯାତ୍ରା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ରାତି ୧୧ଟା ସୁଦ୍ଧା ଶେଷ ହେବ। କ୍ରମିକ ନମ୍ବର ଅନୁଯାୟୀ ମେଢଗୁଡ଼ିକ ଶୋଭାଯାତ୍ରାରେ ସାମିଲ ହେବେ। ଶୋଭାଯାତ୍ରା ବେଳେ ବିଦ୍ୟୁତ୍ ଏବଂ ଟେଲିଫୋନ ତାରଗୁଡ଼ିକ ଯେପରି ଅନ୍ତରାୟ ସୃଷ୍ଟି ନ କରେ, ସେଥିପ୍ରତି ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପୂଜା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ପୂଜା ପୂର୍ବରୁ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ନବୀନଚନ୍ଦ୍ର ନାରାୟଣ ଦାସ, ରାମଚନ୍ଦ୍ର ପାତ୍ର, ସୁଧାଂଶୁ ଦଳେଇ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ସାହୁ, ଜୟନ୍ତ ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ପାତ୍ର, ପ୍ରଦୀପ କୁମାର ଚୌଧୁରୀ, ପୀତବାସ ସାହୁ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଜିତେନ୍ଦ୍ର ପଟ୍ଟନାୟକ, ସଞ୍ଜୀବ ଶତପଥୀ, ଅମିୟ ଚାନ୍ଦ ପ୍ରମୁଖ ବହୁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ।

ପିଡି ଡିଆରଡିଏ ନରୋତ୍ତମ ବେହେରା, ଆରଆଇସି ଜିଏମ୍ ଉମାକାନ୍ତ ରାଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ପରିବା, ଚାରା ଉତ୍ପାଦନ ତାଲିମ

**ଢେଙ୍କାନାଳ ଅଫିସ, ୧୯।୯**

ସ୍ଥାନୀୟ ଏଲ୍‌ଆଇସି କଲୋନୀସ୍ଥିତ ୟୁକୋ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ୧୦ଦିନ ଧରି ଚାଲିଥିବା ପରିବା, ଚାରା ଉତ୍ପାଦନ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚାଷ ସମ୍ପର୍କିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ମହିଳା ଯୋଗଦେଇଥିଲେ।

ଉଦ୍‌ଯାପନୀ ଦିବସରେ ଲିଡ୍ ବ୍ୟାଙ୍କ ଅଧିକାରୀ ବିଶ୍ୱନାଥ ପଟ୍ଟନାୟକ, ରବି ନାରାୟଣ ପାଣିଗ୍ରାହୀ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଆଲୋକ ମହାନ୍ତି, ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସୁଚିତ୍ରା ଗଡ଼ନାୟକ, କାଦମ୍ବରୀ ମହାକୁଡ, ପ୍ରଣବ ରଞ୍ଜନ ମିଶ୍ର, ସତ୍ୟ ଶୁଭମ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।



ତାଲିମ ଶିବିରରେ ଯୋଗଦେଇଥିବା ମହିଳାମାନେ।

## ସଞ୍ଜୟଜୀ କୁଷ୍ଠ ସମିତି କଲୋନୀ ବାସିନ୍ଦାଙ୍କ ଦାବି

# 'ଭୂତଳ ରାସ୍ତା ନିର୍ମାଣ କର'



ଭୂତଳ ରାସ୍ତା ଦାବିରେ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କଲୋନୀ ବାସିନ୍ଦାମାନେ।

**ଢେଙ୍କାନାଳ ଅଫିସ,୧୯।୯**

ଢେଙ୍କାନାଳ ମୁଖ୍ୟ ରେଳଷ୍ଟେଶନ ୨ନଂ. ପ୍ଲାଟଫର୍ମ ନିକଟରେ ସ୍ଥାପିତ ସଞ୍ଜୟଜୀ କୁଷ୍ଠ ସମିତି କଲୋନୀବାସୀ ରେଳଧାରଣ ତଳେ ଭୂତଳ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦ବର୍ଷ ହେଲା ସଞ୍ଜୟଜୀ କୁଷ୍ଠ ସମିତି କଲୋନୀ ପ୍ରତିଷ୍ଠା ହୋଇଛି। ଉକ୍ତ କଲୋନୀରେ ୮୭ ପରିବାରର ୫୨୩ ଜଣ ବସବାସ କରୁଛନ୍ତି। ପୌରାଞ୍ଚଳ ଅଧୀନ ଏହି କଲୋନୀରୁ ସହରକୁ ଯାତାୟାତ କରିବାକୁ କୌଣସି ସୁବିଧା ନାହିଁ। ଷ୍ଟେଶନ ନିକଟ ରେଳଧାରଣାରେ ଅଧିକାଂଶ ସମୟ ମାଲ୍‌ବାହୀ, ଯାତ୍ରୀବାହୀ ଟ୍ରେନ୍ ଅଟକି ରହୁଥିବାରୁ ଅଞ୍ଚଳବାସୀ, ଛାତ୍ରୀଛାତ୍ର ବିପଦସଙ୍କୁଳ ଭାବେ ଯାତାୟାତ କରିଥାନ୍ତି। ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ କାନ୍ଧରେ ବସାଇ ରେଳଧାରଣା ପାର ହେବାକୁ ପଡୁଛି। ଗମନାଗମନ ସୁବିଧା ରେଳଧାରଣା ତଳେ ଏକ ସୁଡ଼ଙ୍ଗ ରାସ୍ତା ନିର୍ମାଣ କରିବାକୁ କଲୋନୀବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଜାନୁୟାରୀ ୧୧ରେ ପୂର୍ବତଟ ରେଳୱେ ଜିଏମ୍ ଢେଙ୍କାନାଳ ରେଳଷ୍ଟେଶନ ପରିଦର୍ଶନ କରିବାକୁ ଆସିଥିବାବେଳେ ଅଞ୍ଚଳବାସୀ ଏ ନେଇ ଅଭିଯୋଗ କରିଥିଲେ। ଜିଲାପାଳଙ୍କୁ ମଧ ଜଣାଇଥିଲେ। ତଥାପି ସମସ୍ୟା ସମାଧାନ ହେଉନାହିଁ। ଏହାର ବିହିତ ପ୍ରତିକାର ନ କରାଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସମିତିର ସମ୍ପାଦକ ଲାବଣୀ ଭୁକ୍ତା ଚେତାବନୀ ଦେଇଛନ୍ତି।

# ୩ ମଦ୍ୟପ ଡ୍ରାଇଭର ଗିରଫ

**କାମାକ୍ଷାନଗର, ୧୯।୯(ଡି.ଏନ୍.ଏ.)**

ମଦ୍ୟପାନ କରି ପିଇ ଗାଡ଼ି ଚଳାଉଥିବା ଅଭିଯୋଗରେ କାମାକ୍ଷାନଗର ପୋଲିସ ୩ଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ସେମାନେ ହେଲେ କାମାକ୍ଷାନଗର ଥାନା ବଡ଼ମୁକ୍ତାପଶି ଗ୍ରାମର ତ୍ରିନାଥ ପାତ୍ର, ମୁଣ୍ଡିଦେଉଳିର ରଶ୍ମି ମିଶ୍ର ଏବଂ ମୋଟଙ୍ଗା ଥାନା ବଳରାମପ୍ରସାଦର ଶିଶିର ଜେନା। ଥାନାଧିକାରୀ ନିରଞ୍ଜନ ସେଠୀଙ୍କ ନେତୃତ୍ୱରେ ୫୫ନଂ. ଜାତୀୟ ରାଜପଥ ଉପରେ ଗୁରୁବାର ସନ୍ଧ୍ୟାରେ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ସମ୍ପୃକ୍ତ ଡ୍ରାଇଭରମାନେ ଧରାପଡ଼ିଥିଲେ। ସେମାନେ ଚଳାଉଥିବା ୩ଟି ଗାଡ଼ିକୁ ପୋଲିସ ନିଜ ହେପାଜତକୁ ନେଇଛି।

# ସାରଙ୍ଗଧରଙ୍କୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୧୯।୯**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ୬୨ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଓଡ଼ାପଡ଼ା ବ୍ଲକ୍ ସଦାଶିବପୁର ପଞ୍ଚାୟତ ବଉଳପୁର ଗ୍ରାମରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାରଙ୍ଗଧରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଦିଲୀପ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ଢେଙ୍କାନାଳ ସଚେତନ ନାଗରିକ ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ସାରଙ୍ଗଧରଙ୍କ କୃତି, କୀର୍ତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଫୋରମ୍‌ର ସମ୍ପାଦକ ଭରତ ଦାସ, ସଭ୍ୟ ସରୋଜ ଶତପଥୀ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ମହିଳା ସଂଯୋଜିକା ଧରିତ୍ରୀ ମଲ୍ଲିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସ୍ମୃତିସଭାରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ରାସୋଳ ଥାନାର ନୂତନ ଅଧିକାରୀ

**ରାସୋଳ, ୧୯।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ରାସୋଳ ଥାନାର ନୂତନ ଅଧିକାରୀଭାବେ ବିଷ୍ଣୁଚରଣ ବାରିକ ଗୁରୁବାର ଯୋଗଦେଇଛନ୍ତି। ଏଠାରେ କାର୍ଯ୍ୟରତ ଆଇଆଇସି ଜ୍ଞାନରଞ୍ଜନ ସାମଲଙ୍କ ଟାଉନ ଥାନାକୁ ବଦଳି ହୋଇଯାଇଛି। ଏହାପରେ ତୁମୁସିଙ୍ଗା ଥାନା ଦାୟିତ୍ୱରେ ଥିବା ବିଷ୍ଣୁଚରଣଙ୍କୁ ରାସୋଳରେ ଅବସ୍ଥାପିତ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା, ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ, ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଥାନାଧିକାରୀ କହିଛନ୍ତି।

## ଆଇଆଇଏମ୍‌ସି ମହାନିର୍ଦ୍ଦେଶକଙ୍କ କ୍ୟାମ୍ପସ୍ ପରିଦର୍ଶନ

# ଆସନ୍ତାବର୍ଷଠାରୁ ସ୍ନାତକୋତ୍ତର ପାଠ୍ୟକ୍ରମ



ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ଗହଣରେ ମହାନିର୍ଦ୍ଦେଶକ କେ.ଏସ୍. ଧତ୍ୱାଲିଆ।

**ଢେଙ୍କାନାଳ ଅଫିସ,୧୯।୯**

ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ମହାନିର୍ଦ୍ଦେଶକ କେ.ଏସ୍. ଧତ୍ୱାଲିଆ ଗୁରୁବାର ଢେଙ୍କାନାଳ କ୍ୟାମ୍ପସ ପରିଦର୍ଶନ କରିଛନ୍ତି। ପ୍ରତିଷ୍ଠାନର ଭିତ୍ତିଭୂମି ଏବଂ ଶିକ୍ଷା ବ୍ୟବସ୍ଥା ସମୀକ୍ଷା କରି ସେ କହିଲେ, ଆସନ୍ତା ଶିକ୍ଷାବର୍ଷଠାରୁ ପ୍ରତିଷ୍ଠାନରେ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ। ଗବେଷଣାକୁ ଗୁରୁତ୍ୱ ଦିଆଯିବ। ଢେଙ୍କାନାଳ କ୍ୟାମ୍ପସରେ ଏକ ଗୋଷ୍ଠୀ ବେତାର କେନ୍ଦ୍ର ଖୋଲାଯିବ। ଭିଡିଓ କନ୍‌ଫରେନ୍ସିଂ ଏବଂ ଇ-କ୍ଲାସରୁମ୍ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ। ଏଥିଲାଗି ସମସ୍ତ ପ୍ରକାର ଚେଷ୍ଟା ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇ ସେ ଛାତ୍ରୀଛାତ୍ରଙ୍କ ଦ୍ୱନ୍ଦ୍ୱ ଦୂର କରିଥିଲେ।

ସଂସ୍ଥାନରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ। ସେକ୍ସନ ଅଫିସର କେଦାରନାଥ ଜେନା, ସହାୟକ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର, ସମ୍ବିତ ପାଲଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହାପରେ ଢେଙ୍କାନାଳ କ୍ୟାମ୍ପସ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ଐତିହାସିକ ପୋଷ୍ଟକାର୍ଡକୁ ମହାନିର୍ଦ୍ଦେଶକ ଉନ୍ମୋଚନ କରିଥିଲେ। ୧୯୪୮ ଜାନୁୟାରୀ ୧ରେ ଦେଶ ବିଦେଶର ବିଭିନ୍ନ ଖବର କାଗଜରେ ପ୍ରକାଶିତ ହତ୍ୟା ସମ୍ପର୍କିତ ଖବରକୁ ଏହି ପୋଷ୍ଟକାର୍ଡରେ ସ୍ଥାନ ଦିଆଯାଇଛି। ଏଥିପୂର୍ବରୁ ସ୍ୱାଧୀନତା ଦିବସର ପ୍ରଥମ ପୃଷ୍ଠାର ଖବରକାଗଜକୁ ନେଇ ପୋଷ୍ଟକାର୍ଡ ସିରିଜ୍ ପ୍ରସ୍ତୁତ ହୋଇଥିଲା। ଏହି ପୋଷ୍ଟକାର୍ଡ ବିକ୍ରି ପାଇଁ ମଧ ଉପଲବ୍ଧ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି।

# ଚରିତ୍ରବାନ୍ ହେବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧୯।୯**

ଓଡ଼ାପଡ଼ା ବ୍ଲକ ସିମିଳଇ ଡିଗ୍ରୀ ମହାବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ଧରଣୀଧର ବାରିକ କହିଲେ, ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନର ମନ୍ଦିର। ଚରିତ୍ରବାନ ହୋଇ ଭଲ ପାଠ ପଢ଼ିଲେ କଲେଜର ସୁନାମ ବଢ଼ିବ। ମହାବିଦ୍ୟାଳୟର ପରମ୍ପରାକୁ ସମ୍ମାନ ଜଣାଇ ନିୟମିତ କଲେଜ ଆସିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଚିନ୍ମୟ ମିଶନର ବ୍ରହ୍ମଚାରୀ ପ୍ରତୀକ ଚିନ୍ମୟ ଶିକ୍ଷା ସହିତ ଆଧ୍ୟାତ୍ମିକ ଚିନ୍ତାଧାରା ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁଜିତ୍ ସାମଲ, ସୁରେନ୍ଦ୍ର ପରିଡ଼ା, ଧରଣୀଧର ସେଠୀ, ପରିମିତା ନାୟକ, ଅନିତା ଦାସ, ଶଶଧର ସାହୁ, ଅନିଲ ପଣ୍ଡା, ଅନ୍ତର୍ଯ୍ୟାମୀ ବେହେରା, ନରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାସିନୀ ସିଂ, ମୀନାକ୍ଷୀ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶ୍ୱାତୀ ସିଂ, ସନ୍ଧ୍ୟାରାଣୀ ରାଉତ, ଶୁଚୀସ୍ମିତା ସାହୁ, ସିପ୍ରାରାଣୀ ପରିଡ଼ା, ସୌଦାମିନୀ ସିଂ, ପ୍ରଗତି ପାତ୍ର, କ୍ରିଷ୍ଟା ମିଶ୍ରଙ୍କ ସମେତ ସମସ୍ତ ବରିଷ୍ଠ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ମହିମାଗାଦିସ୍ଥିତ ଶ୍ରୀ ଜ୍ଞାନମନ୍ଦିର ପରିଦର୍ଶନ କରିଛନ୍ତି ଅଷ୍ଟ୍ରେଲିଆ ମେଲ୍‌ବୋର୍ନର ପିଟର କୋପର, ସୁପର୍ଣ୍ଣା ଭାସିନ। ଉଭୟେ ଛୋଟ ଛୋଟ ପିଲାଙ୍କ ସହିତ ଭାବ ବିନିମୟ କରିବା ସହ ସେମାନଙ୍କୁ ପୋଷାକ ପ୍ରଦାନ କରିଥିଲେ। ଏଥିସହ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ପାଠପଢ଼ା, ବିଭିନ୍ନ କୌଶଳ ସମ୍ପର୍କରେ ପଚାରି ବୁଝିଥିଲେ।




ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ମହିମାଗାଦି ଏବଂ ଡାକ୍ତରଖାନା ପରିସରକୁ ସଫେଇ କରିଛନ୍ତି। ପ୍ଲାଷ୍ଟିକଜାତ ଦ୍ରବ୍ୟ ବ୍ୟବହାର ବନ୍ଦ, ପାଇଖାନା ବ୍ୟବହାର, ପରିବେଶକୁ ସ୍ୱଚ୍ଛ ରଖିବା, ପ୍ରଦୂଷଣମୁକ୍ତ ସମାଜ ଗଢ଼ିବା ଆଦି ସଚେତନତାଧର୍ମୀ ପ୍ଲାକାର୍ଡ ଧରି କ୍ୟାଡେଟମାନେ ସଚେତନତା ସୃଷ୍ଟି କରିଥିଲେ।

